Chapter- 6

# ମାନିଆରୁ ମାଡାମ୍ କ୍ୟୁରୀ

## STUDY NOTES

**ବିଷୟର ସାରକଥା:-**

- ତୁଳସୀ ଦୁଇ ପତ୍ରରୁ ବାସେ ।
- ଅର୍ଥାତ୍ ଗୋଟାଏ ପିଲାର ହାବଭାବ, ଆଚାର ବ୍ୟବହାର ତା'ର 'ଭବିଷ୍ୟତ ବିଷୟରେ ସୂଚାଇ ଦେଇଥାଏ ।
- ସେହିପରି ଜଣେ ମହିୟସୀ ମହିଳା ହେଉଛନ୍ତି ମାଡାମ୍ କ୍ୟୁରୀ ।
- ତାଙ୍କର ପିଲାଦିନର ନାଁ ଥିଲା ମେରୀ ।
- ବାପା, ମାଆ ତାଙ୍କୁ ଶ୍ରଦ୍ଧାରେ ମାନିଆ ଡାକୁଥିଲେ ।
- ବହୁ ଦୁଃଖକଷ୍ଟରେ ମାନିଆଙ୍କ ପିଲାଦିନ କଟିଥିଲା ।
- ମାଆ ରୋଗରେ ପୀଡ଼ିତା ହେବାରୁ ଘରର ସବୁ ଦାୟିତ୍ୱ ମାନିଆଙ୍କ ଉପରେ ପଡ଼ିଲା ।
- ମାନିଆଙ୍କର ସ୍ମୃତିଶକ୍ତି ଥିଲା ଅସାଧାରଣ ।
- ଥରେ ଯାହା ପଢ଼ି ଦେଉଥିଲେ, ତାଙ୍କର ମନେ ରହିଯାଉଥିଲା ।
- ପାଠପଢ଼ା ସମୟରେ ମାନିଆ ପାଠରେ ପୁରାପୁରି ମଜ୍ଜି ଯାଉଥିଲେ ।
- ଯାହା ବହି ପାଉଥିଲେ, ତାକୁ ପଢ଼ି ପକାଉଥିଲେ ।
- ମାନିଆ ପ୍ୟାରିସ୍‌ର ସରବନ୍ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ ।
- ବହୁ ଅଭାବ ଅନଟନ ମଧ୍ୟରେ ତାଙ୍କର ପାଠପଢ଼ା ଚାଲିଥିଲା ।
- ଅଭାବ ଓ ଦାରିଦ୍ର୍ୟ ସହିତ ଲଢ଼ି ମାନିଆ ଶେଷରେ ପଦାର୍ଥ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ।
- ମାନିଆଙ୍କର ବିବାହ ହୋଇଥିଲା ପେରୀ କ୍ୟୁରୀଙ୍କ ସହିତ ।
- ମାନିଆଙ୍କ ନାଁରେ କ୍ୟୁରୀ ଯୋଡ଼ି ହୋଇଗଲା ।
- ସେ ହୋଇଗଲେ ମାଡାମ୍ କ୍ୟୁରୀ ।
- ସ୍ୱାମୀ-ସ୍ତ୍ରୀ ଦୁଇଜଣ ଗବେଷଣା କାର୍ଯ୍ୟରେ ଲାଗିପଡ଼ିଲେ ।
- ଶେଷରେ ସେ ଦୁହେଁ ଆବିଷ୍କାର କଲେ 'ରେଡିୟମ୍' ।

ODM EDUCATIONAL GROUP
Changing your Tomorrow

- ସେମାନଙ୍କୁ ମିଳିଲା ପୃଥିବୀର ସର୍ବଶ୍ରେଷ୍ଠ ସମ୍ମାନ ନୋବେଲ ପୁରସ୍କାର ।
- ମାନିଆ ଯେ ଦିନେ ଏହିପରି ଗର୍ବ ଓ ଗୌରବ ଦେଶ ପାଇଁ ଆଣିବେ, ତାହା କେହି ଭାବି ପାରିନଥିଲେ ।
- ମାଡାମ୍ କ୍ୟୁରୀ ଯାହାକୁ ଛୁଇଁ ଦେଉଥିଲେ, ତାହା ସୁନା ପାଲଟି ଯାଉଥିଲା ।
- ରସାୟନ ବିଜ୍ଞାନରେ ମଧ୍ୟ ସେ ନୋବେଲ ପୁରସ୍କାର ପାଇଥିଲେ ।
- ବୟସାଧିକ୍ୟ ଯୋଗୁଁ ମାଡାମ୍ କ୍ୟୁରୀ ଅସୁସ୍ଥ ଓ ଦୁର୍ବଳ ହୋଇପଡ଼ିଲେ ।
- ୧୯୩୪ ମସିହା ଜୁଲାଇ ୩ ତାରିଖ ଦିନ ତାଙ୍କ ଜୀବନଦୀପ ଲିଭିଗଲା ।
- ହେଲେ ଏ ଜଗତକୁ ସେ ଦେଲେ ଏକ ଅଲିଭା ଆଲୋକ ତାହା ହେଉଛି ‘ରେଡିୟମ୍’ ।

**କଠିନ ଶବ୍ଦର ଅର୍ଥ:-**

| | | | | | |
|---|---|---|---|---|---|
| ଖଦ୍ୟୋତ | - | ଜୁଳୁଜୁଳିଆ ପୋକ | ଏକାଗ୍ର | - | ଏକଧ୍ୟାନରେ |
| ଈଷତ୍ | - | ଅଳ୍ପ, ଟିକିଏ | ଧ୍ୟାନ | - | ଲକ୍ଷ୍ୟ |
| ତେଜସ୍କ୍ରିୟ | - | ତେଜ ପ୍ରଦାନକାରୀ | ନଜର | - | ଦୃଷ୍ଟି |
| ସାଧନା | - | ତପସ୍ୟା କଲା ଭଳି | ଗୌରବ | - | ଯଶ, ଖ୍ୟାତି |
| ଅଧୀନ | - | ଆୟତ୍ତ | ଅବସର | - | ଅବ୍ୟାହତି, ଅବକାଶ |
| ଅସାଧାରଣ | - | ସ୍ୱତନ୍ତ୍ର | ମନୋନିବେଶ | - | ମନ ଦେବା |
| ଆମୂଳଚୂଳ | - | ଆରମ୍ଭରୁ ଶେଷ ଯାଏଁ | ଆହରଣ | - | ସଂଗ୍ରହ |
| ଉତ୍ସର୍ଗ | - | ଟେକିଦେବା | କୁହୁକ | - | ଯାଦୁବିଦ୍ୟା |
| ସଂସର୍ଗ | - | ସଂସ୍ପର୍ଶରେ | ମାରାତ୍ମକ | - | ଭୟାନକ |

ODM EDUCATIONAL GROUP Changing your Tomorrow

**ପ୍ରଶ୍ନଉତ୍ତର:-**

**୧. ଆସ କଥାବାର୍ତ୍ତା ହେବା ।**

କ) ରାତିରେ ଘଣ୍ଟାରେ ଚିକ୍‌ଚିକ୍ କରୁଥିବା ପଦାର୍ଥଟି ଦିନବେଳେ କିପରି ଦେଖାଯାଏ ?

ଉ: ରାତିରେ ଘଣ୍ଟାରେ ଚିକ୍ ଚିକ୍ କରୁଥିବା ପଦାର୍ଥଟି ଦିନବେଳେ ଈଷତ୍ ସବୁଜ ଦେଖାଯାଏ ।

ଖ) ରେଡିୟମ୍ ଗୋଟିଏ କି ପ୍ରକାର ପଦାର୍ଥ ?

ଉ: ରେଡିୟମ୍ ଗୋଟିଏ ଅତ୍ୟନ୍ତ ମୂଲ୍ୟବାନ୍ ଓ ତେଜସ୍କ୍ରିୟ ଧାତବ ପଦାର୍ଥ ।

ଗ) ରେଡିୟମ୍ ଆବିଷ୍କାର ପାଇଁ ମାଡାମ୍‌କ୍ୟୁରୀ କେଉଁ ପୁରସ୍କାର ପାଇଥିଲେ ?

ଉ: ରେଡିୟମ୍ ଆବିଷ୍କାର ପାଇଁ ମାଡାମ୍ କ୍ୟୁରୀ ନୋବେଲ ପୁରସ୍କାର ପାଇଥିଲେ ।

ଘ) ପାଠପଢ଼ିବା ପାଇଁ ମାନିଆଙ୍କର କି କି ଅସୁବିଧା ଥିଲା ?

ଉ: ମାନିଆଙ୍କ ମାଆ ରୋଗରେ ପୀଡ଼ିତା ଥିଲେ । ଏଥିପାଇଁ ଘରକାମ, ରନ୍ଧାବଢ଼ା ଓ ମାଆଙ୍କର ସେବା ମାନିଆ କରୁଥିଲେ । ମାଆଙ୍କର ମୃତ୍ୟୁପରେ ମାନିଆଙ୍କର ଘରର ଦାୟିତ୍ୱ ଆହୁରି ବଢ଼ିଗଲା । ପାଠ ପଢ଼ିବା ପାଇଁ ମାନିଆଙ୍କର ଏହିସବୁ ଅସୁବିଧା ହେଉଥିଲା ।

ଙ) କଲେଜରେ ପଢ଼ିବା ପାଇଁ ମାନିଆ କିଭଳି ଅର୍ଥ ଯୋଗାଡ଼ କରିଥିଲେ ?

ଉ: କଲେଜରେ ପଢ଼ିବା ପାଇଁ ମାନିଆ ଟିଉସନ୍ କରି ଅର୍ଥ ଯୋଗାଡ଼ କରିଥିଲେ ?

**୨. ଆସ ଚିନ୍ତାକରି ଉତ୍ତର ଲେଖିବା ।**

କ) ମାନିଆ କିପରି ପାଠ ପଢୁଥିଲେ ?

ଉ: ବହୁ ଅଭାବ ଅନଟନ ମଧ୍ୟରେ ମାନିଆ ଭଲ ପାଠ ପଢୁଥିଲେ ।

ଖ) ଭାଇ ଭଉଣୀମାନେ ମାନିଆଙ୍କ ସହିତ କିପରି ମଜା କରୁଥିଲେ ?

ଉ: ପାଠ ପଢୁଥିବା ବେଳେ ମାନିଆଙ୍କ ଧ୍ୟାନ ଥାଏ ବହି ଉପରେ । ଭାଇ ଭଉଣୀମାନେ ମଜା କରିବା ପାଇଁ ମାନିଆଙ୍କ ଉପରେ ଚୌକି ଆଣି ପାହାଡ଼ ପରି ସଜାଇ ଦେଉଥିଲେ । ମାନିଆଙ୍କର ସେଥିପ୍ରତି ଧ୍ୟାନ ନଥାଏ । ଯେତେବେଳେ ମାନିଆ ଉଠନ୍ତି ଚଉକି ସବୁ ଦୁଲଦାଲ୍ ହୋଇ ପଡ଼ିଯାଏ ।

ଗ) ବିଶ୍ୱବିଦ୍ୟାଳୟରେ ପଢ଼ିବା ବେଳେ ମାନିଆଙ୍କର କ'ଣ ସବୁ ଅସୁବିଧା ହେଉଥିଲା ?

ଉ: ଅଭାବ ଅନଟନ ମଧ୍ୟରେ ମାନିଆ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ । ଆଲୁଅ ଜଳିବା ପାଇଁ ପଇସା ନଥାଏ । ଭଲ ପୋଷାକ, ଖାତା ବହି ତ ଦୂରର କଥା । ଦିନେ ଦିନେ ଉପବାସରେ ମଧ୍ୟ ରହିବାକୁ ପଡୁଥିଲା । ଏହିସବୁ ଅସୁବିଧା ମାନିଆଙ୍କର ହେଉଥିଲା ।

ଘ) ରେଡିୟମ୍‌କୁ ବ୍ୟକ୍ତିଗତ ସମ୍ପତ୍ତି ନ କରି ମାଡାମ୍ କ୍ୟୁରୀ ତାକୁ କାହିଁକି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ?

ଉ: ଦେଶର ଜାତିର ସର୍ବୋପରି ସାରା ବିଶ୍ୱର ମଙ୍ଗଳ ଉଦ୍ଦେଶ୍ୟରେ ରେଡିୟମ୍‌କୁ ବ୍ୟକ୍ତିଗତ ସମ୍ପତ୍ତି ନ କରି ମାଡାମ୍ କ୍ୟୁରୀ ତାକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।

ଙ) ମାନିଆଙ୍କର ମୃତ୍ୟୁର କାରଣ କ'ଣ ?

ଉ: ଡାକ୍ତରଙ୍କ ମତରେ ରେଡିୟମ୍ ହେଉଛି ମାନିଆଙ୍କର ମୃତ୍ୟୁର କାରଣ ।

୩. ସରଳାର୍ଥ ଲେଖ ।

କ) 'ଏହି ଗୌରବରେ ପିତାଙ୍କର ହୃଦୟ ଫୁଲି ଉଠିଲା ।'

ଉକ୍ତ ଗଦ୍ୟାଂଶଟି ଆମ ପଠିତ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ମାନିଆରୁ ମାଡାମ୍ କ୍ୟୁରୀ' ବିଷୟରୁ ଆସିଅଛି । ଏଠାରେ ଲେଖକ ପ୍ରତିକୂଳ ପରିସ୍ଥିତିରେ ମାନିଆ କିପରି ପରୀକ୍ଷାରେ ସଫଳତା ଲାଭ କରିଥିଲେ, ସେ ବିଷୟରେ ବର୍ଣ୍ଣନା କରିଛନ୍ତି ।

ମାନିଆ ଜୀବନରେ ବହୁ ଦୁଃଖକଷ୍ଟ ବହୁ ଝଡ଼ଝଞ୍ଜା ସହିଥିଲେ । ତାଙ୍କୁ ଯେତେବେଳେ ୧୦ ବର୍ଷ ତାଙ୍କ ମା'ଙ୍କର ଦେହାନ୍ତ ହୋଇଗଲା । ବଡ଼ ଭଉଣୀ ମଧ୍ୟ ଟାଇଫଏଡ ରୋଗରେ ମୃତ୍ୟୁବରଣ କଲେ । ଘରର ସବୁ ଦାୟିତ୍ୱ ମାନିଆଙ୍କ ଉପରେ ପଡ଼ିଲା । ତଥାପି ସେ ପଢୁଥା'ନ୍ତି । ଶ୍ରେଣୀରେ ତାଙ୍କ ସ୍ଥାନ ସବୁବେଳେ ପ୍ରଥମ । ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ସ୍ୱର୍ଣ୍ଣପଦକ ଲାଭ କଲେ । ଏହି ଗୌରବରେ ପିତାଙ୍କ ହୃଦୟ ପୁରି ଉଠିଲା । ବହୁ ଘାତପ୍ରତିଘାତ ମଧ୍ୟରେ ମାନିଆ ଏହି ସଫଳତା ଲାଭ କରିଥିଲେ ।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଅଛି ।

ଖ) ସତେ ଯେପରି .................... ମାଡ଼ିବସେ ।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ମାନିଆରୁ ମାଡାମ୍ କ୍ୟୁରୀ' ବିଷୟରୁ ଆସିଅଛି । ଏଠାରେ ଲେଖକ, ପାଠପଢ଼ା ସମୟରେ ମାନିଆଙ୍କର ଦାରୁଣ ଦୁଃଖ ବିଷୟରେ ବର୍ଣ୍ଣନା କରିଛନ୍ତି ।

କଲେଜରେ ପଢ଼ିବା ପାଇଁ ମାନିଆଙ୍କୁ ବହୁ ଦୁଃଖକଷ୍ଟ ସହିବାକୁ ପଡ଼ିଥିଲା । ଟିଉସନ କରି କିଛି ଅର୍ଥ ଯୋଗାଡ଼ କରି ପ୍ୟାରିସ୍ ଚାଲିଗଲେ । ସେଠାରେ ପ୍ରସିଦ୍ଧ ସରବନ୍ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ । ରାତିରେ ଆଲୁଅ ଜାଳିବା ପାଇଁ ପଇସା ନଥାଏ । ପ୍ୟାରିସ୍‌ରେ ପ୍ରବଳ ଶୀତ । ଦେହ ହାତ ଅବଶ ହୋଇଯାଏ । ତାଙ୍କ ପାଖରେ ଥିବା ଲୁଗାପଟା ଶୀତ ଦାଉରୁ ରକ୍ଷା କରିପାରେନା । ସତେ ଯେପରି ଉତ୍କଟ

ODM EDUCATIONAL GROUP Changing your Tomorrow

ଦାରିଦ୍ର୍ୟ ମହାବଳ ବାଘ ପରି ଶୀତ ରୂପରେ ତାକୁ ମାଡ଼ିବସେ। ଦାରିଦ୍ର୍ୟ ହେତୁ ଦିନେ ଦିନେ ଉପବାସ ରହିବାକୁ ପଡ଼ିଥାଏ। ଏଭଳି ପରିସ୍ଥିତିରେ ମାନିଆଙ୍କର ପାଠପଢ଼ା କାର୍ଯ୍ୟ ଚାଲିଥିଲା।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି।

ଗ) ବିଜ୍ଞାନ ଥିଲା ............. ଜୀବନର ବ୍ରତ।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ମାନିଆରୁ ମାଡାମ୍ କ୍ୟୁରୀ' ବିଷୟରୁ ଆସିଅଛି। ଏଠାରେ ଲେଖକ ମାନିଆଙ୍କର ଜୀବନର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି।

ମାନିଆଙ୍କର ପାଠପଢ଼ା ଥିଲା ଗୋଟେ ନିଶା। ବହୁ ଅଭାବ ଅନଟନ ମଧ୍ୟରେ ସେ ପାଠ ପଢ଼ିଛନ୍ତି। ଭୋକ ଉପାସରେ ଦେହ କ୍ଷୀଣ ହୋଇଯାଇଥିଲା। ଅଭାବ ଓ ଦାରିଦ୍ର୍ୟ ସହିତ ଲଢ଼ି ଶେଷରେ ବିଜୟ ମଣ୍ଡିତା ହେଲେ। ସରବନ୍ ବିଶ୍ୱବିଦ୍ୟାଳୟରୁ ସେ ପଦାର୍ଥ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଏମ୍.ଏସ୍.ସି. ପାସ୍ କଲେ। ବିଜ୍ଞାନ ତାଙ୍କ ଜୀବନର ପ୍ରାଣ ସ୍ୱରୂପ ଥିଲା। ତାଙ୍କ ଜୀବନର ଲକ୍ଷ୍ୟ ଥିଲା ଗବେଷଣା। ଅଧିକରୁ ଅଧିକ ଜ୍ଞାନ ଆହରଣ କରିବା ତାଙ୍କ ଜୀବନର ବ୍ରତ ଥିଲା। ଅଭାବ ଓ ଦାରିଦ୍ର୍ୟ ତାଙ୍କୁ ଏଥିରୁ ବିଚ୍ୟୁତ କରିପାରିନାହିଁ।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି।

ଘ) ଦୀପଟିଏ ପରି ................... ଅଲିଭା ଆଲୋକ।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ମାନିଆରୁ ମାଡାମ୍ କ୍ୟୁରୀ' ପ୍ରବନ୍ଧରୁ ଆସିଅଛି। ଏଠାରେ ଲେଖକ ମାନିଆଙ୍କର ମହନୀୟ ତ୍ୟାଗ ବିଷୟରେ ବର୍ଣ୍ଣନା କରିଛନ୍ତି।

ବହୁ ଘାତପ୍ରତିଘାତ ଉତ୍ଥାନପତନ, ଅଭାବ ଅନଟନ ମଧ୍ୟରେ ମାନିଆ ପାଠ ପଢ଼ିଥିଲେ। ସବୁବେଳେ ସେ ଶ୍ରେଣୀରେ ପ୍ରଥମ ହେଉଥିଲେ। କଲେଜ ପାଠ ପଢ଼ା ସାରି ମାନିଆ ଗବେଷଣା କାର୍ଯ୍ୟରେ ମନ ଦେଲେ। ସ୍ୱାମୀଙ୍କ ସହିତ ଗବେଷଣା କରି ଶେଷରେ ସେ ଦୁହେଁ ଆବିଷ୍କାର କଲେ ରେଡିୟମ୍। ସେମାନଙ୍କୁ ମିଳିଲା ସର୍ବଶ୍ରେଷ୍ଠ ସମ୍ମାନ ନୋବେଲ ପୁରସ୍କାର। ରେଡିୟମ୍‌ର ସଂସର୍ଗରେ ବାରମ୍ବାର ଆସିବାରୁ ମାରାତ୍ମକ ବିଷ ତାଙ୍କ ଦେହରେ ଚରିଗଲା। ଶେଷରେ ସେ ମୃତ୍ୟୁବରଣ କଲେ। ଦୀପଟିଏ ପରି ସେ ଜଳି ଜଳି ଜଗତକୁ ଦେଇଗଲେ ଏକ ଅଲିଭା ଆଲୋକ। ଯାହାର ନାମ ରେଡିୟମ୍।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ମନଛୁଆଁ ହୋଇଛି।

ODM EDUCATIONAL GROUP Changing your Tomorrow

୪. ମାଡାମ୍ କ୍ୟୁରୀଙ୍କ ଜୀବନରେ କିଛି ବିଶିଷ୍ଟ ଘଟଣା ତଳେ ଦିଆଯାଇଥିବା ସମୟଗୁଡ଼ିକରେ ଘଟିଛି, ଆସ ସେଗୁଡ଼ିକ ମନେ ପକାଇ ଲେଖିବା।

**୧୯୦୩ ମସିହା:** ୧୯୦୩ ମସିହାରେ ମାଡାମ୍ କ୍ୟୁରୀଙ୍କୁ ନୋବେଲ ପୁରସ୍କାର ଦିଆଯାଇଥିଲା।

**୧୮୬୭ ମସିହା ନଭେମ୍ବର ୭ ତାରିଖ:** ୧୮୬୭ ମସିହା ନଭେମ୍ବର ୭ ତାରିଖରେ ମାଡାମ୍ କ୍ୟୁରୀଙ୍କ ଜନ୍ମ ହୋଇଥିଲା।

**୧୯୩୪ ମସିହା ଜୁଲାଇ ୩ ତାରିଖ:** ୧୯୩୪ ମସିହା ଜୁଲାଇ ୩ ତାରିଖରେ ମାଡାମ୍ କ୍ୟୁରୀଙ୍କର ମୃତ୍ୟୁ ହୋଇଥିଲା।

୫. ତଳେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି ଦରକାର ସ୍ଥାନରେ ଉପଯୁକ୍ତ ବିରାମ ଚିହ୍ନ ଦିଅ।

'ହେ ମୋର ପ୍ରିୟ ପେରି, ତୁମେ ଆଲୋକକୁ ଭଲପାଅ, ଫୁଲକୁ ଭଲପାଅ। ଆଜି ଜଗତରେ କେତେ ଆଲୋକ, ବଗିଚାରେ କେତେ ଫୁଲ ଅଥଚ ତୁମେ ଯେଉଁ ଅନ୍ଧାରରେ ମୋତେ ଛାଡ଼ି ଯାଇଥିଲ, ମୁଁ ସେହି ଅନ୍ଧାରରେ ଅଛି।

॥ ଇତି ॥

ତୁମର ମେରୀ

୬. ତାଙ୍କ ହାତରେ କି କୁହୁକ ଥିଲା କେଜାଣି ସେ ଯାହାକୁ ଛୁଇଁ ଦେଉଥିଲେ ତାହା ସୁନା ପାଲଟି ଯାଉଥିଲା। ଏହି ବାକ୍ୟଟିକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା।

କ) କୁହୁକ କ'ଣ ?

ଉ: କୁହୁକ ମାନେ ଯାଦୁବିଦ୍ୟା।

ଖ) କୁହୁକ ବିଦ୍ୟା ବଳରେ କ'ଣ କ'ଣ କରିହୁଏ ?

ଉ: କୁହୁକ ବିଦ୍ୟା ବଳରେ ଅସମ୍ଭବକୁ ଅସମ୍ଭ କରିହୁଏ।

ଗ) କୁହୁକ ବିଦ୍ୟା ଚାଲିଥିଲା ବେଳେ ଆମକୁ ଦେଖିବାକୁ କାହିଁକି ଭଲ ଲାଗେ ?

ଉ: ଅସାଧ୍ୟ ଦୁଃସାଧ୍ୟ କାର୍ଯ୍ୟ କୁହୁକ ଖେଳରେ ଦେଖାଯାଉଥିବାରୁ ଆମକୁ ଦେଖିବାକୁ ଭଲ ଲାଗେ।

ଘ) ଲୋକେ ସୁନାକୁ ଅନ୍ୟ ଧାତୁଠାରୁ କାହିଁକି ଅଧିକ ଭଲ ପାଆନ୍ତି ?

ଉ: ସୁନା ଏକ ମୂଲ୍ୟବାନ ପଦାର୍ଥ। ଏଥିରେ ବିଭିନ୍ନ ପ୍ରକାର ସୁନା ଗହଣା ତିଆରି ହେଉଥିବାରୁ ଲୋକେ ସୁନାକୁ ଅଧିକ ଭଲ ପାଆନ୍ତି।

ODM EDUCATIONAL GROUP Changing your Tomorrow

ଙ) ସୁନା ପୁଅଟିଏ କହିଲେ କ'ଣ ବୁଝୁଛ ?

ଉ: ଯେଉଁମାନେ ସ୍ୱଭାବରେ ଧୀର, ଭଦ୍ର, ନମ୍ର ସେମାନଙ୍କୁ ସୁନାପୁଅ ବୋଲି କୁହାଯାଏ ।

ଚ) କାହା ହାତରେ ଏ କୁହୁକ ଶକ୍ତି ଥିଲା ବୋଲି କୁହାଯାଇଛି ?

ଉ: ମାଡାମ୍ କ୍ୟୁରୀଙ୍କ ହାତରେ ଏ କୁହୁକ ଶକ୍ତି ଥିଲା ବୋଲି କୁହାଯାଇଛି ।

୭. ତଳେ 'କ' ସ୍ତମ୍ଭରେ କିଛି ଶବ୍ଦ ଓ 'ଖ' ସ୍ତମ୍ଭରେ ଏହାର ଅର୍ଥ ଦିଆଯାଇଛି । ଉପଯୁକ୍ତ ଶବ୍ଦ ଓ ଅର୍ଥକୁ ଗାର ଟାଣି ଯୋଡ଼ିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଆବିଷ୍କାର | ବୁଦ୍ଧି ଖଟାଇ ନୂଆକରି କୌଣସି ପଦାର୍ଥ ବାହାର କରିବା |
| ଗବେଷଣା | ଲକ୍ଷ୍ୟ ହାସଲ ପାଇଁ ଏକନିଷ୍ଠ କାର୍ଯ୍ୟ |
| ଉଦ୍ଭାବନ | ପରିଷ୍କାର ପରିଚ୍ଛନ୍ନ କରିବା |
| ସାଧନା | ଯାହା ଆଗରୁ ଅଛି କିନ୍ତୁ କେହି ଜାଣିନଥା'ନ୍ତି, ତାକୁ ପରିଚିତ କରାଇବା ପାଇଁ ଗଭୀର ଅଧ୍ୟୟନ ଓ ଅନୁସନ୍ଧାନ |

୮. ଯେପରି 'ମାଆ' ଶବ୍ଦର ବିପରୀତ ଲିଙ୍ଗ 'ବାପା' । ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତ ଲିଙ୍ଗ ଲେଖିବା ।

ଶିକ୍ଷୟିତ୍ରୀ – ଶିକ୍ଷକ

ପାଠକ – ପାଠିକା

ସ୍ୱାମୀ – ସ୍ତ୍ରୀ

ଦୁଃଖିନୀ – ଦୁଃଖି

ମହିଳା – ପୁରୁଷ

୯. କ) ବାମ ପାଖର ଉଦାହରଣକୁ ଦେଖି ଡାହାଣ ପାଖରେ ନୂଆ ଶବ୍ଦ ଲେଖିବା । ଯେପରି-

'ମହିୟାନ୍'ରୁ ହୋଇଛି 'ମହୀୟସୀ'; 'ଗରୀୟାନ୍'ରୁ – 'ଗରୀୟସୀ'

'ମୂଲ୍ୟ'ରୁ ହୋଇଛି 'ମୂଲ୍ୟବାନ୍'; 'ଗୁଣ'ରୁ – 'ଗୁଣବାନ୍'

'ପୀଡା'ରୁ ହୋଇଛି 'ପୀଡ଼ିତ'; 'ନିନ୍ଦା'ରୁ – 'ନିନ୍ଦିତ'

'ସଞ୍ଚୟ'ରୁ ହୋଇଛି 'ସଞ୍ଚିତ'; 'କଥନ'ରୁ – 'କଥିତ'

ଖ) ତଳେ ଦିଆଯାଇଥିବା ଶବ୍ଦ ପାଖରେ ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ବସାଇ ଯୁଗ୍ମଶବ୍ଦ ଗଢ଼ିବା।

ଭଲ : ଭଲମନ୍ଦ	ଦୁଃଖ : ଦୁଃଖସୁଖ

ଦିଆ: ଦିଆନିଆ	ଉଠା: ଉଠାପକା

ହାନି: ହାନିଲାଭ

୧୦. କେତେକ ଶବ୍ଦ ପୂର୍ବରୁ 'ଅ/ଅଣ' ଯୋଗ କଲେ ସେହି ଶବ୍ଦର ବିପରୀତ ଅର୍ଥ ପ୍ରକାଶ ପାଏ। ସେହିପରି ତଳଲିଖିତ ପ୍ରତ୍ୟେକ ଶବ୍ଦ ଆଗରେ 'ଅ / ଅଣ' ଯୋଗ କରି ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ଲେଖିବା।

ସାଧାରଣ - ଅସାଧାରଣ	ବିଶ୍ୱାସ - ଅବିଶ୍ୱାସ

ବାହୁଡ଼ା - ଅଣବାହୁଡ଼ା	ବିରତ - ଅବିରତ

ବିଭକ୍ତ - ଅବିଭକ୍ତ	ବିଳମ୍ବ - ଅବିଳମ୍ବ

ବିରାମ - ଅବିରାମ	ଓସାରିଆ - ଅଣଓସାରିଆ

ହଳଦିଆ - ଅଣହଳଦିଆ	ଲେଉଟା - ଅଣଲେଉଟା

♦♦♦

ODM EDUCATIONAL GROUP
Changing your Tomorrow